# ଓଏଫ୍‌ସିରେ ଗୋଲ୍‌କିପର୍ ରବି



ଭୁବନେଶ୍ୱର,୨୯।୬/ଏନ୍ଏନ୍ଏସ୍: ଗତ ୨୦୧୯-୨୦ ଆଇଏସ୍ଏଲ୍‌ର ଷଷ୍ଠ ସଂସ୍କରଣରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିବା ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଆଗାମୀ ସପ୍ତମ ସଂସ୍କରଣ ପାଇଁ ଦଳକୁ ମଜବୁତ କରିବାରେ ଲାଗିଛି। ଜଣେ ପରେ ଜଣେ ପ୍ରମୁଖ ଫୁଟବଲରଙ୍କୁ ଦଳରେ ସ୍ଥାନ ଦେଇ ଆଗାମୀ ସଂସ୍କରଣରେ ନିଜର ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଏହି ଦଳ ଉଦ୍ୟମ ଆରମ୍ଭ କରିସାରିଛି। ଏହି କ୍ରମରେ ସୋମବାର ଦଳରେ ଦେଶର ଜଣେ ଉଦୀୟମାନ ଗୋଲ୍‌କିପରଙ୍କୁ ସାମିଲ୍ କରାଯାଇଛି। ସେ ହେଉଛି ରବି କୁମାର ଓ ଏହି ଉତ୍ତର ପ୍ରଦେଶରେ ଜନ୍ମଗ୍ରହଣ କରିଥିବା ଗୋଲ୍‌କିପର୍ ଜଣକ ଆଗାମୀ ଦୁଇଟି ସିଜନ୍‌ରେ ଖେଳିବା ସକାଶେ ଚୁକ୍ତିବଦ୍ଧ ହୋଇଛନ୍ତି। ହିରୋ ଆଇଏସ୍ଏଲ୍‌ର ଦ୍ୱିତୀୟ ସଂସ୍କରଣରେ ଦିଲ୍ଲୀ ଡାଇନାମୋସ୍ ପକ୍ଷରୁ ଖେଳିବାର ସୁଯୋଗ ପାଇଥିବା ରବି କୁମାର ଏହା ପୂର୍ବରୁ ଇଣ୍ଡିଆନ୍ ଆରୋଜ୍ ଓ ସ୍ପୋର୍ଟିଂ କ୍ଲବ୍ ଡି' ଗୋଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପରେ ସେ ୨୦୧୭-୧୮ ସିଜନ୍‌ରେ ଆଇଏସ୍ଏଲ୍‌ରେ ନର୍ଥଇଷ୍ଟ ୟୁନାଇଟେଡ୍ ଓ ୨୦୧୮-୧୯ ସଂସ୍କରଣରେ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ମଧ୍ୟ ଖେଳିଛନ୍ତି। ଏହି ୨୬ ବର୍ଷୀୟ ଗୋଲ୍‌କିପର୍ ଆହୁରି ମଧ୍ୟ ଆଇ-ଲିଗ୍‌ରେ ମିନର୍ଭା ପଞ୍ଜାବ ଏଫ୍‌ସି ପକ୍ଷରୁ ଖେଳିସାରିଛନ୍ତି। ଏହି ପ୍ରତିଭାବାନ ଗୋଲ୍‌କିପରଙ୍କୁ ଦଳକୁ ସ୍ୱାଗତ କରି ଓଏଫ୍‌ସିର ସଭାପତି ରୋହନ ଶର୍ମା କହିଛନ୍ତି ଯେ ରବିଙ୍କ ପାଖରେ ଗୋଲ୍‌କିପିଂର ଢେର୍ ଅଭିଜ୍ଞତା ରହିଛି ଓ ଏହି ଅଭିଜ୍ଞତା ଆଧାରରେ ସେ ଆମ ଦଳରେ ଥିବା ଅର୍ଶ ଓ କମଲଜିତ୍‌ଙ୍କ ପରି ଗୋଲିଙ୍କୁ କଡ଼ା ଟକ୍କର ଦେଇପାରିବେ। ସେହିପରି ରବି ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଓଏଫ୍‌ସି ସହ ଚୁକ୍ତିବଦ୍ଧ ହେବା ପରେ ଏହି ଦଳ ପକ୍ଷରୁ ଖେଳିବା ସକାଶେ ସେ ବେଶ୍ ଉତ୍କଣ୍ଠିତ ଅଛନ୍ତି। ନିଜର ଅଭିଜ୍ଞତା ବଳରେ ଏହି ଦଳକୁ ଅଧିକରୁ ଅଧିକ ଟାଇଟଲ୍ ଓ ଟ୍ରଫି ହାସଲ କରିବାରେ ସହଯୋଗ କରିପାରିବେ।